ଓଡ଼ିଶା ସରକାର

ବିଧି ବିଭାଗ

# ଓଡ଼ିଶା ଅଭ୍ୟାସିକ ଅପରାଧୀ କଟକଣା ଅଧିନିୟମ, ୧୯୫୨

( ୧୯୫୨ର ଓଡ଼ିଶା ଅଧିନିୟମ ୨୪ )

# The Orissa Restriction of Habitual Offenders Act, 1952

[ ମୂଲ୍ୟ—ଟ୦'୫୨ ପଇସା ]

# ଓଡ଼ିଶା ଆଭ୍ୟାସିକ ଅପରାଧୀ କଟକଣା ଅଧିନିୟମ, ୧୯୬୨

## ବିଷୟ ସୂଚୀ

ଉଦ୍ଦେଶିକା
ଖଣ୍ଡାବଳି


| | | | |
|---|---|---|---|
| | | | ପୃଷ୍ଠା |
| ୧ । | ସଂକ୍ଷିପ୍ତ ନାମ, ବିସ୍ତାର ଓ ପ୍ରାରମ୍ଭ | . | ୧ |
| ୨ । | ପରିଭାଷା | .. | ୧ |
| ୩ । | ଆଭ୍ୟାସିକ ଅପରାଧୀଙ୍କୁ ବିଜ୍ଞାପିତ କରିବାକୁ କ୍ଷମତା | .. | ୨ |
| ୪ । | ବିଜ୍ଞାପିତ ଅପରାଧୀମାନେ ନିବାସ ତଥା ନିବାସରେ ପରିବର୍ତ୍ତନ ଜଣାଇବେ | .. | ୨ |
| ୫ । | ବିଜ୍ଞାପିତ ଅପରାଧୀଙ୍କ ଗତାଗତକୁ ସୀମାବଦ୍ଧ କରିବା କ୍ଷମତା | .. | ୨ |
| ୬ । | ଏଭଳି କଟକଣାକୁ ରଦ୍ଦ ବା ପରିବର୍ତ୍ତିତ କରିବା ଲାଗି କ୍ଷମତା | .. | ୩ |
| ୭ । | ବିଜ୍ଞାପିତ ଅପରାଧୀଙ୍କୁ ବସତିରେ ରଖିବା ଲାଗି କ୍ଷମତା | .. | ୩ |
| ୮ । | ବସତିରୁ ଲୋକଙ୍କୁ ମୁକ୍ତ କରିବା ବା ଅନ୍ୟ ବସତିକୁ ଅନ୍ତରିତ କରିବା ଲାଗି କ୍ଷମତା | .. | ୩ |
| ୯ । | ବସତିରେ ସ୍ୱେଚ୍ଛାପୂର୍ବକ ରହୁଥିବା ନିବାସୀଙ୍କୁ କଟକଣା ଓ ଅର୍ଥଦଣ୍ଡର ଅଧୀନ କରିବା ଲାଗି କ୍ଷମତା | | ୩ |
| ୧୦ । | ଅର୍ଥଦଣ୍ଡ | .. | ୩ |
| ୧୧ । | ବିଜ୍ଞାପିତ ଅପରାଧୀଙ୍କ ଗିରଫ | .. | ୪ |
| ୧୨ । | କେତେକ ସ୍ଥଳେ କଏଦୀଙ୍କ ସ୍ଥାନାନ୍ତରଣ ଲାଗି ଥିବା ନିୟମ ଲାଗୁ ହେବ | .. | ୪ |
| ୧୩ । | ଅଧିକାରିତା ପ୍ରତି ବାଧା | .. | ୪ |
| ୧୪ । | ନିୟମ ପ୍ରଣୟନ କରିବା ଲାଗି କ୍ଷମତା | .. | ୫ |
| | ଅନୁସୂଚୀ ୧ | .. | ୬ |
| | ଅନୁସୂଚୀ ୨ | .. | ୭ |

୧୯୫୨ ର ଓଡ଼ିଶା ଅଧିନିୟମ ୨୪

# ଓଡ଼ିଶା ଅଭ୍ୟାସିକ ଅପରାଧୀ କଟକଣା ଅଧିନିୟମ, ୧୯୫୨ *

(୧୧ ଡ଼ିସେମ୍ବର ୧୯୫୨)

ଓଡ଼ିଶା ରାଜ୍ୟ ମଧ୍ୟରେ ଅଭ୍ୟସ୍ତ ଅପରାଧୀଙ୍କ ଉପରେ କେତେକ କଟକଣା ପ୍ରୟୋଗ କରିବା ଲାଗି ଏକ ଅଧିନିୟମ

ଓଡ଼ିଶା ରାଜ୍ୟ ମଧ୍ୟରେ ଆଭ୍ୟାସିକ ଅପରାଧୀଙ୍କ ଉପରେ କେତେକ କଟକଣା ପ୍ରୟୋଗ କରିବା ଆବଶ୍ୟକ ହେଉଥିବା ହେତୁରୁ ଏତଦ୍ଦ୍ୱାରା ନିମ୍ନମତେ ଅଧିନିୟମିତ କରାଯାଉଅଛି :—

ସଂକ୍ଷିପ୍ତନାମ, ବିସ୍ତାର ଓ ପ୍ରାରମ୍ଭ ।

୧ । (୧) ଏହି ଅଧିନିୟମ ଓଡ଼ିଶା ଆଭ୍ୟାସିକ ଅପରାଧୀ କଟକଣା ଅଧିନିୟମ, ୧୯୫୨ ନାମରେ ଅଭିହିତ ହୋଇପାରେ ।

(୨) ଏହା ସମଗ୍ର ଓଡ଼ିଶା ରାଜ୍ୟପ୍ରତି ଲାଗୁହେବ ।

(୩) ଏହା ତୁରନ୍ତ ପ୍ରବୃତ୍ତ ହେବ ।

ପରିଭାଷା

୨ । ବିଷୟ ବା ପ୍ରସଙ୍ଗରେ କୌଣସି ବିରୋଧ ନ ଥିଲେ, ଏହି ଅଧିନିୟମରେ :—

(କ) "ଆଭ୍ୟାସିକ ଅପରାଧୀ" ର ଅର୍ଥ ସେହି ବ୍ୟକ୍ତି ଯାହାଙ୍କୁ କି, ଏହି ଅଧିନିୟମର ପ୍ରାରମ୍ଭ ପୂର୍ବରୁ ହେଉ ବା ପରେ ହେଉ, ଦୀର୍ଘକାଳ କାରାବାସରେ ନିମ୍ନମତେ ଦଣ୍ଡିତ କରାଯାଇଥିବ,—

(୧) ଅନୁସୂଚୀ ୧ ରେ ଅନ୍ତର୍ଭୁକ୍ତ ଅପରାଧ ମଧ୍ୟରୁ ଏକ ବା ଏକାଧିକ ଅପରାଧ ଲାଗି ଦୁଇବାର ;

(୨) ଅନୁସୂଚୀ ୨ ରେ ଅନ୍ତର୍ଭୁକ୍ତ ଅପରାଧ ମଧ୍ୟରୁ ଏକ ବା ଏକାଧିକ ଅପରାଧ ଲାଗି ତିନିବାର ;

(୩) ଅନୁସୂଚୀ ୧ ର ଯେକୌଣସି ଏକ ଅପରାଧ ଲାଗି ଥରେ ଓ ଅନୁସୂଚୀ ୨ ର ଯେ କୌଣସି ଏକ ଅପରାଧ ଲାଗି ଥରେ ଏପରି ଦୁଇବାର ;

ସ୍ପଷ୍ଟୀକରଣ :—ଦଣ୍ଡ ପ୍ରକ୍ରିୟା ସଂହିତା, ୧୮୯୮ ର ଧାରା ୧୧୦ ସଂକ୍ରାନ୍ତରେ ସଦାଚରଣ ଲାଗି କୌଣସି ବ୍ୟକ୍ତି ପ୍ରତିଭୂତି ଦେବାକୁ ଲୋଡ଼ୁଥିବା ଯେକୌଣସି ଆଦେଶ, ଏହି ଖଣ୍ଡର ଅର୍ଥାନୁସାରେ, ଅନୁସୂଚୀ ୨ ରେ ବିନିର୍ଦ୍ଦିଷ୍ଟ ହେବାମତେ ଭାରତୀୟ ଦଣ୍ଡ ସଂହିତା, ୧୮୬୦ ଗତ ଯେକୌଣସି ଏକ ଅପରାଧ ନିମନ୍ତେ ଦୀର୍ଘ କାରାବାସ ଲାଗି ଏକ ଦଣ୍ଡାଦେଶ ରୂପେ ଗଣ୍ୟ ହେବ ।

୧୮୯୮ ର ୫

୧୮୬୦ ର ୪୫

(ଖ) "ବିଜ୍ଞାପିତ ଅପରାଧୀ" ର ଅର୍ଥ ଯେଉଁ ଆଭ୍ୟାସିକ ଅପରାଧୀ ସମ୍ପର୍କରେ ଧାରା—୩ ମୁତାବକ ଏକ ବିଜ୍ଞାପନ ଦିଆ ଯାଇଥିବ ଓ ତାହା ପ୍ରବୃତ୍ତ ରହିଥିବ ;

---

* ମୂଳ ଇଂରଜୀ ଅଧିନିୟମଟି ତା ୧୬ ଡ଼ିସେମ୍ବର ୧୯୫୨ ର ଓଡ଼ିଶା ଗଜପତ୍ରର ଅସାଧାରଣ ସଂଖ୍ୟାରେ ପ୍ରଥମ ବାର ପ୍ରକାଶିତ ।

(ଗ) "ବିହିତ" ର ଅର୍ଥ ଏହି ଅଧିନିୟମ ମୁତାବକ ପ୍ରଣୀତ ନିୟମ ଦ୍ୱାରା ବିହିତ ;

(ଘ) "ବସତି" ର ଅର୍ଥ ଧାରା ୭ ମୁତାବକ ସ୍ଥାପିତ ହୋଇଥିବା ବା ସ୍ଥାପିତ ହୋଇଛି ବୋଲି ବିବେଚିତ ହେଉଥିବା କୌଣସି ବସତି ।

ଆଭ୍ୟାସିକ ଅପରାଧୀଙ୍କୁ ବିଜ୍ଞାପିତ କରିବାକୁ କ୍ଷମତା ।

୩ । (୧) କୌଣସି ବ୍ୟକ୍ତି ଜଣେ ଅଭ୍ୟସ୍ତ ଅପରାଧୀ ବୋଲି ଜିଲ୍ଲା ମାଜିଷ୍ଟ୍ରେଟ ବୋଧ କଲେ, ସେ ଲିଖିତବ୍ୟ କାରଣବଶତଃ ବିଜ୍ଞାପନା ଦେଇ--

(କ) ଘୋଷଣା କରି ପାରିବେ ଯେ ସେ ସେହି ବ୍ୟକ୍ତି, ବିଜ୍ଞାପନଟିରେ ଯେପରି ବିନିର୍ଦ୍ଦିଷ୍ଟ ହୋଇପାରେ ସେତିକି ଦୂର ଏହି ଅଧିନିୟମର ବ୍ୟବସ୍ଥାଗୁଡ଼ିକର ଅଧୀନ ରହିବେ ତଥା ସେହି ସେହି ନିର୍ବନ୍ଧନର ଅଧୀନ ହେବେ ;

(ଖ) ଏପ୍ରକାର ଯେକୌଣସି ଘୋଷଣାକୁ ରଦ୍ଦ କରିପାରିବେ ବା ଅଦଳ ବଦଳ କରି ପାରିବେ ।

(୨) ଯେକୌଣସି ବ୍ୟକ୍ତିଙ୍କ ସଂକ୍ରାନ୍ତରେ ଉପଧାରା (୧) ର ଖଣ୍ଡ (କ) ମୁତାବକ କୌଣସି ବିଜ୍ଞାପନ ଦିଆଯିବା ପୂର୍ବେ ବା ତାଙ୍କ ପ୍ରତି ପ୍ରତିକୂଳ ହେଲାଭଳି ଉକ୍ତ ଉପଧାରାରଖଣ୍ଡ (ଖ) ମୁତାବକ ତାହାକୁ ଅଦଳ ବଦଳ କରାଯିବା ପୂର୍ବେ, ଯଥାସ୍ଥିତି ଏରୂପ ବିଜ୍ଞାପନ ଦିଆଯିବା ବା ଅଦଳ ବଦଳ କରାଯିବା ବିରୁଦ୍ଧରେ କାରଣ ଦର୍ଶାଇବା ଲାଗି ତାଙ୍କୁ ଏକ ଯୁକ୍ତିଯୁକ୍ତ ସୁଯୋଗ ଦିଆଯିବ ।

(୩) ରାଜ୍ୟ ସରକାର, ଉପଧାରା (୧) ମୁତାବକ ଦିଆଯିବା ବିଜ୍ଞାପନ ଯାହାଙ୍କ ପ୍ରତି ଲାଗୁ ହେଉଥିବ ତାଙ୍କଠାରୁ ଦରଖାସ୍ତ ପାଇ ଅଥବା ଏପରି କୌଣସି ଦରଖାସ୍ତ ନ ପାଇ, ସେହି ବିଜ୍ଞାପନକୁ ରଦ୍ଦ କରିପାରିବେ ବା ଅଦଳ ବଦଳ କରିପାରିବେ ।

ବିଜ୍ଞାପିତ ଅପରାଧୀମାନେ ନିବାସ ତଥା ନିବାସରେ ପରିବର୍ତ୍ତନ ଜଣାଇବେ ।

୪ । ଯେକୌଣସି ବ୍ୟକ୍ତି, ଆଭ୍ୟାସିକ ଅପରାଧୀ ଭାବେ ବିଜ୍ଞାପିତ ହେବା ମାତ୍ରେ,—

(କ) ଯେପରି ବିହିତ ହୋଇପାରେ ସେତିକି ବ୍ୟବଧାନରେ ନିଜେ ଉପସ୍ଥିତ ହେଉଥିବେ ତଥା ସେହି ରୀତିରେ ନିଜର ନିବାସସ୍ଥାନ ଓ ନିବାସରେ ପରିବର୍ତ୍ତନ ବା ଅଭିପ୍ରେତ ପରିବର୍ତ୍ତନ ତଥା ନିଜର ନିବାସରୁ କୌଣସି ଅନୁପସ୍ଥିତି ବା ଅଭିପ୍ରେତ ଅନୁପସ୍ଥିତି କଥା ସେହି ପ୍ରାଧିକାରୀଙ୍କୁ ଜଣାଇବେ ।

(ଖ) ବିହିତ ପ୍ରଧିକାରୀ ତାଙ୍କର ଅଙ୍ଗୁଳି ଛାପ ରଖିବାକୁ ଅନୁମତି ଦେବେ :

ପରନ୍ତୁ, ଜିଲ୍ଲାମାଜିଷ୍ଟ୍ରେଟ ବା ତାଙ୍କ ଦ୍ୱାରା ଏତଦୁପଲକ୍ଷେ ପ୍ରାଧିକୃତ ଯେକୌଣସି ଅଫିସର, ଏଭଳି ଯେକୌଣସି ଅପରାଧୀଙ୍କୁ ତାଙ୍କର ନିବାସରୁ ଯେପରି ବିହିତ ହୋଇପାରେ ସେତିକି କାଳାବଧିରୁ ବଳି ପଡୁ ନ ଥିବା ଅନୁପସ୍ଥିତି ବା ଅଭିପ୍ରେତ ଅନୁପସ୍ଥିତି ଜଣାଇବାରୁ ଛାଡ଼ ଦେଇ ପାରିବେ ।

ବିଜ୍ଞାପିତ ଅପରାଧୀଙ୍କ ଗତାଗତକୁ ସୀମାବଦ୍ଧ କରିବା କ୍ଷମତା ।

୫ । (୧) ଯଦି ରାଜ୍ୟସରକାରଙ୍କ ମତରେ ଏପରି କରିବା ସମୀଚୀନ ହେବ ତାହାହେଲେ ରାଜ୍ୟସରକାର ବିଜ୍ଞାପନ ଦେଇ ଘୋଷଣା କରି ପାରିବେ ଯେ ଯେ କୌଣସି ବିଜ୍ଞାପିତ ଅପରାଧୀ ଗୋଟିଏ ବିନିର୍ଦ୍ଦିଷ୍ଟ ଅଞ୍ଚଳ ମଧ୍ୟରେ ହିଁ ଗତାଗତ କରିବେ ।

(୨) ଏପରି କୌଣସି ଘୋଷଣା କରିବା ପର୍ବରୁ ରାଜ୍ୟସରକାର ନିମ୍ନବିଷୟ ବିଚାର କରିବେ :—

(କ) ଅପରାଧୀ ଯଦି କୌଣସି ଅପରାଧ ଲାଗି ସିଦ୍ଧ ଦୋଷ ହୋଇଥାଏ ତେବେ ସେହି ଅପରାଧର ସ୍ୱଭାବ ତଥା ତାହା କେଉଁ କେଉଁ ପରିସ୍ଥିତିରେ କରାଯାଇ ଥିଲା ;

(ଖ) ଅପରାଧୀ କୌଣସି ବିଧିସମ୍ମତ ବୃତ୍ତିରେ ନିଯୁକ୍ତ ଅଛି କି ନା ତଥା ସେହି ବୃତ୍ତିଟି ପ୍ରକୃତ କି ଅପରାଧ କରିବା ସୁବିଧା ହେବା ଲାଗି ଏକ ପେଖନା ମାତ୍ର ;

(ଗ) ଯେଉଁ ଅଞ୍ଚଳ ମଧ୍ୟରେ ତାଙ୍କର ଗତାଗତ ଆବଦ୍ଧ ରହିବ ତାହାର ଉପଯୁକ୍ତତା;

(ଘ) ସେହି ଅଞ୍ଚଳ ମଧ୍ୟରେ ସେ କେଉଁ ପ୍ରକାରେ ଜୀବିକା ଅର୍ଜନ କରିବେ ବୋଲି ପ୍ରସ୍ତାବ କରାଯାଉଛି ତାହା ଏବଂ ସେଥିଲାଗି ଯୋଗାଡ଼ର ଯଥାଯଥ ବ୍ୟବସ୍ଥା ।

ଏଭଳି କଟକଣାକୁ ରଦ୍ଦ ବା ପରିବର୍ତ୍ତିତ କରିବା ଲାଗି କ୍ଷମତା ।

୬ । ରାଜ୍ୟ ସରକାର, ବିଜ୍ଞାପନଦେଇ, ଧାରା—୫ ମୁତାବକ କରାଯାଇଥିବା ଯେକୌଣସି ଘୋଷଣାକୁ ରଦ୍ଦ କରିପାରିବେ ବା ଉକ୍ତ ଧାରା ମୁତାବକ ବିଜ୍ଞାପିତ ହୋଇଥିବା ଯେକୌଣସି ଅଞ୍ଚଳକୁ ପରିବର୍ତ୍ତିତ କରି ପାରିବେ :

ପରନ୍ତୁ, ଏଭଳି କୌଣସି ବିଜ୍ଞାପନ ଦେବା ପୂର୍ବରୁ ରାଜ୍ୟସରକାର ଧାରା—୫ ର ଉପଧାରା (୨) ରେ ଉଲ୍ଲିଖିତ ବିଷୟ ପ୍ରଯୁଜ୍ୟ ହେବା ପକ୍ଷେ ବିଚାର କରିବେ ।

ବିଜ୍ଞାପିତ ଅପରାଧୀଙ୍କୁ ବସତିରେ ରଖିବା ଲାଗି କ୍ଷମତା ।

୭ । ରାଜ୍ୟ ସରକାର ଏହି ଅଧିନିୟମାର୍ଥେ ଶିଳ୍ପବସତି, କୃଷିବସତି ବା ଶୁଦ୍ଧିବସତି ସ୍ଥାପନ କରିପାରିବେ ଏବଂ ଏଭଳି ଯେକୌଣସି ବସତିରେ ଯେକୌଣସି ବିଜ୍ଞାପିତ ଅପରାଧୀ ରହିବେ ବୋଲି ଆଦେଶ ଦେଇ ପାରିବେ ।

ବସତିରୁ ଲୋକଙ୍କୁ ମୁକ୍ତ କରିବା ବା ଅନ୍ୟ ବସତିକୁ ଅନ୍ତରିତ କରିବା ଲାଗି କ୍ଷମତା ।

୮ । ରାଜ୍ୟ ସରକାର ବା ତାଙ୍କ ଦ୍ୱାରା ଏତଦୁପଲକ୍ଷେ ପ୍ରାଧିକୃତ ଯେକୌଣସି ଅଫିସର ଯେକୌଣସି ସମୟରେ ଲିଖିତ ଆଦେଶ ଦେଇ ବସତିରେ ଥିବା ଯେକୌଣସି ବିଜ୍ଞାପିତ ଅପରାଧୀଙ୍କୁ ମୁକ୍ତ କରାଯିବ ବା ଅନ୍ୟ କୌଣସି ବସତିକୁ ଅନ୍ତରିତ କରାଯିବ ବୋଲି ନିର୍ଦ୍ଦେଶ ଦେଇ ପାରିବେ ।

ବସତିରେ ସ୍ୱେଚ୍ଛାପୂର୍ବକ ରହୁଥିବା ନିବାସୀଙ୍କୁ କଟକଣା ଓ ଅର୍ଥଦଣ୍ଡର ଅଧୀନ କରିବା ଲାଗି କ୍ଷମତା ।

୯ । ରାଜ୍ୟ ସରକାର ଆଦେଶ ଦେଇ ପାରିବେ ଯେ ଯେକୌଣସି ବସତିରେ ସ୍ୱେଚ୍ଛାପୂର୍ବକ ରହୁଥିବା ବ୍ୟକ୍ତି ସେହି ବସତିରେ ରଖାଯାଇଥିବା ବିଜ୍ଞାପିତ ଅପରାଧୀଙ୍କ ପ୍ରତି ଏହି ଅଧିନିୟମ ଦ୍ୱାରା ବା ତାହା ମୁତାବକ ଆରୋପିତ ସମସ୍ତ ବା ଯେକୌଣସି କଟକଣା ଓ ଅର୍ଥଦଣ୍ଡର ସାପେକ୍ଷ ହୋଇ ରହିବେ ।

ଅର୍ଥଦଣ୍ଡ

୧୦ । ଯେଉଁ ବିଜ୍ଞାପିତ ଅପରାଧୀ ଏହି ଅଧିନିୟମ ବା ତଦନୁସାରେ ପ୍ରଣୀତ ଯେକୌଣସି ବିଜ୍ଞପନ, ନିୟମ ବା ଆଦେଶର ଯେକୌଣସି ବ୍ୟବସ୍ଥା ଲଙ୍ଘନ କରନ୍ତି ସେ—

(କ) ପ୍ରଥମ ଦୋଷସିଦ୍ଧି ସ୍ଥଳେ, ଛଅମାସ କାଳ ଯାଏଁ ବ୍ୟାପ୍ୟ କାରାବାସରେ ବା ଦୁଇଶହଟଙ୍କା ଯାଏଁ ବ୍ୟାପ୍ୟ ଜୋରିମାନାରେ ବା ଉଭୟ ଦଣ୍ଡରେ ଦଣ୍ଡନୀୟ ହେବେ ;

(ଖ) ଦ୍ୱିତୀୟ ବା ପରବର୍ତ୍ତୀ ଦୋଷସିଦ୍ଧି ସ୍ଥଳେ, ଏକବର୍ଷ କାଳଯାଏଁ ବ୍ୟାପ୍ୟ କାରାବାସରେ ବା ପାଞ୍ଚଶହଟଙ୍କା ଯାଏଁ ବ୍ୟାପ୍ୟ ଜୋରିମାନାରେ ବା ଉଭୟ ଦଣ୍ଡରେ ଦଣ୍ଡନୀୟ ହେବେ ।

ବିଜ୍ଞାପିତ ଅପରାଧୀଙ୍କ ଗିରଫ ।

୧୧ । ଯଦି କୌଣସି ବିଜ୍ଞାପିତ ଅପରାଧୀ—

(କ) ତାଙ୍କର ଗତାଗତକୁ ଯେଉଁ ଅଞ୍ଚଳ ମଧ୍ୟରେ ସୀମାବଦ୍ଧ କରାଯାଇଥିବ ସେହି ଅଞ୍ଚଳ ଛାଡ଼ିବା ଲାଗି ଯେଉଁ ସର୍ତ୍ତରେ ତାଙ୍କୁ ଅନୁମତି ମିଳିଥିବ ସେହି ସର୍ତ୍ତକୁ ଲଙ୍ଘନ କରି ସେହି ଅଞ୍ଚଳ ବାହାରେ ଥିବା ଜଣାଯାଏ, ବା

(ଖ) ତାଙ୍କୁ ଯେଉଁ ବସତିରେ ରଖାଯାଇଥିବ ସେଥିରୁ ଖସି ପଳାନ୍ତି,

ତାହାହେଲେ, ତାଙ୍କୁ ଯେ କୌଣସି ପୋଲିସ ଅଫିସର, ଗ୍ରାମର ମୁଖିଆ ବା ଗ୍ରାମର ଜଗୁଆଳି ବିନା ଓ୍ୟାରଣ୍ଟରେ ଗିରଫ କରି ଯେ କୌଣସି ମାଜିଷ୍ଟ୍ରେଟଙ୍କ ପାଖକୁ ନେଇ ପାରିବେ ଯେଉଁ ମାଜିଷ୍ଟ୍ରେଟ କି, ଏହି ବିଷୟର ପ୍ରମାଣ ପାଇଲେ, ଏହି ଅଧିନିୟମ ତଥା ତାହା ମୁତାବକ ପ୍ରଣୀତ ନିୟମର ବ୍ୟବସ୍ଥା ଅନୁଯାୟୀ କାର୍ଯ୍ୟ କରାଯିବା ଲାଗି ସେହି ଅଞ୍ଚଳ ବା ସେହି ବସତିକୁ ତାଙ୍କୁ ସ୍ଥାନାନ୍ତରିତ କରିବାଲାଗି ଆଦେଶ ଦେବେ ।

କେତେକ ସ୍ଥଳେ କଏଦୀଙ୍କ ସ୍ଥାନାନ୍ତରଣ ଲାଗି, ଥିବା ନିୟମ ଲାଗୁ ହେବ ।

୧୨ । ତତ୍‌ସମୟେ ପ୍ରବୃତ୍ତ କଏଦୀଙ୍କ ସ୍ଥାନାନ୍ତରଣ ବିଷୟକ ପ୍ରତ୍ୟେକ ବିଧି ବା ନିୟମ, ଧାରା—୭ ମୁତାବକ କୌଣସି ବସତିରେ ରଖାଯିବ ବୋଲି ବା ଧାରା—୮ ମୁତାବକ ସ୍ଥାନାନ୍ତରିତ ହେବେ ବୋଲି ଆଦିଷ୍ଟ ସବୁ ବ୍ୟକ୍ତିଙ୍କ ପ୍ରତି ଲାଗୁହେବ ।

ପରନ୍ତୁ, ସେହି ବ୍ୟକ୍ତିଙ୍କର ସ୍ଥାନାନ୍ତରଣ ଲାଗି ରାଜ୍ୟ ସରକାର ବା ଜେଲଖାନାର ମୁଖ୍ୟ ନିରୀକ୍ଷକଙ୍କ ପାଖରୁ ଆଦେଶ ଆବଶ୍ୟକ ହେବନାହିଁ ।

ଅଧିକାରୀତା ପ୍ରତି ବାଧା ।

୧୩ । କୌଣସି କୋର୍ଟ ଏହି ଅଧିନିୟମ ମୁତାବକ ଦିଆଯାଇଥିବା କୌଣସି ବିଜ୍ଞାପନ ବା ଆଦେଶର ବିଧିସମ୍ମତତା ନେଇ ପ୍ରଶ୍ନ କରିବେ ନାହିଁ ।

ନିୟମ ପ୍ରଣୟନ କରିବା ଲାଗି କ୍ଷମତା ।

୧୪ । (୧) ଏହି ଅଧିନିୟମର ଉଦ୍ଦେଶ୍ୟକୁ କାର୍ଯ୍ୟକାରୀ କରିବାଲାଗି ରାଜ୍ୟ ସରକାର ନିୟମ ପ୍ରଣୟନ କରି ପାରିବେ ।

(୨) ବିଶେଷତଃ ଅଥଚ ପୂର୍ବୋକ୍ତ କ୍ଷମତାର ବ୍ୟାପକତା ପ୍ରତି ପ୍ରତିକୂଳ ନ ହୋଇ ସେହି ନିୟମ ନିମ୍ନବିଷୟ ନେଇ ବ୍ୟବସ୍ଥା କରି ପାରିବ :—

(କ) ଯେଉଁସବୁ ବିଷୟ ବିହିତ ହେବା ଏହି ଅଧିନିୟମ ଆବଶ୍ୟକ କରୁଛି ବା ଅନୁଜ୍ଞାତ କରୁଛି ;

(ଖ) ଧାରା—୪ ମୁତାବକ ବିହିତବ୍ୟ ବ୍ୟବଧାନ, ରୀତି ଓ ପ୍ରାଧିକାରୀ ;

(ଗ) ଯେଉଁ ବିଜ୍ଞାପିତ ଅପରାଧୀଙ୍କ ସଂକ୍ରାନ୍ତରେ ଧାରା—୩ ମୁତାବକ ବିଜ୍ଞାପନ ଦିଆ ହୋଇ ସାରିଛି ତାଙ୍କ ଦ୍ୱାରା ଧାରା—୫ ମୁତାବକ ପାଳନୀୟ କଟକଣା ;

(ଘ) ବିଜ୍ଞାପିତ ଅପରାଧୀଙ୍କୁ ଚିହ୍ନଟ ପ୍ରମାଣପତ୍ର ଦାନ ଓ ସେହି ପ୍ରମାଣପତ୍ରର ନିରୀକ୍ଷଣ ;

(ଙ) ବିଜ୍ଞାପିତ ଅପରାଧୀମାନଙ୍କର ଚଳାଚଳ ଯେଉଁ ଅଞ୍ଚଳ ମଧ୍ୟରେ ସୀମାବଦ୍ଧ କରାଯାଇଥିବ ସେହି ଅଞ୍ଚଳକୁ ବା ସେମାନଙ୍କୁ ଯେଉଁ ସ୍ଥାନରେ ବସତି ଦିଆଯାଇଥିବ ସେହି ସ୍ଥାନକୁ ସେମାନେ କେଉଁ କେଉଁ ସର୍ତ୍ତ ମୁତାବକ ଛାଡ଼ିବାକୁ ଅନୁମତି ଦିଆଯାଇପାରେ ;

(ଚ) ବିଜ୍ଞାପିତ ଅପରାଧୀଙ୍କର ବାସଗୃହ ନିରୀକ୍ଷଣ ;

(ଛ) କେଉଁ ସର୍ତ୍ତରେ ବିଜ୍ଞାପିତ ଅପରାଧୀଙ୍କୁ ଏହି ଅଧିନିୟମର ପ୍ରଭାବରୁ ମୁକ୍ତ କରାଯାଇ ପାରିବ ;

(ଜ) ବସତିରେ ସ୍ଥାପିତ ବ୍ୟକ୍ତିମାନଙ୍କର ଶୃଙ୍ଖଳା ଓ ଆଚରଣ ସମେତ ବସତିଗୁଡ଼ିକର ପରିଚାଳନା ଓ ଅଧୀକ୍ଷଣ ; ଏବଂ

(ଝ) ଯେଉଁ ବ୍ୟକ୍ତିମାନଙ୍କୁ ଏହି ଅଧିନିୟମ ମୁତାବକ କୌଣସି ବସତିରେ ରଖାଯାଇଥିବ ସେହିମାନଙ୍କର ମାମଲାର ସାମୟିକ ରିଭ୍ୟୁ ।

(୩) ଏହି ଧାରା ମୁତାବକ ପ୍ରଣୀତ ସବୁ ନିୟମ ରାଜପତ୍ରରେ ପ୍ରକାଶିତ ହେବ ଏବଂ ଏରୂପେ ପ୍ରକାଶିତ ହେଲେ ତାହାସବେ ବା ଏହି ଅଧିନିୟମ ଦ୍ୱାରା ଅଧିନିୟମିତ ହୋଇଥିବା ପରି ପ୍ରଭାବଶୀଳ ହେବ ।

## ଅନୁସୂଚୀ ୧

[ଧାରା ୨(କ) ଦେଖ]

### ଭାରତୀୟ ଦଣ୍ଡସଂହିତାର ଧାରାବଳି

୩୦୨ । ହତ୍ୟା

୩୦୪ । ହତ୍ୟା ଭାବେ ଗଣ୍ୟ ନ ହେବା ନରବଧ

୩୦୭ । ହତ୍ୟା କରିବାଲାଗି ପ୍ରଯନ୍

୩୦୮ । ନରବଧ କରିବା ଲାଗି ପ୍ରଯତ୍ନ

୩୧୧ । ଠଗ ହେବା

୩୮୨ । ଚୋରି କରିବା ଲାଗି ମୃତ୍ୟୁ, ଆଘାତ ବା ଅବରୋଧ କରାଇବାକୁ ପ୍ରସ୍ତୁତି କରିବା ପରେ ଚୋରି

୩୯୨ । ଲୁଣ୍ଠନ

୩୯୩ । ଲୁଣ୍ଠନ କରିବା ଲାଗି ପ୍ରଯନ୍

୩୯୪ । ଲୁଣ୍ଠନ କଲାବେଳେ ସ୍ୱେଚ୍ଛାପୂର୍ବକ ଆଘାତ କରିବା

୩୯୫ । ଡକେଇତି

୩୯୬ । ଡକେଇତିରେ ହତ୍ୟା

୩୯୭ । ମୃତ୍ୟୁ ବା ଘୋର ଆଘାତ ଘଟାଇବାଲାଗି ପ୍ରଯନ୍ ସହିତ ଲୁଣ୍ଠନ ବା ଡକେଇତି ।

୩୯୮ । ମାରାତ୍ମକ ଆୟୁଧରେ ସଜ୍ଜିତ ହୋଇ ଲୁଣ୍ଠନ ବା ଡକେଇତି କରିବା ଲାଗି ପ୍ରଯନ୍ ।

୩୯୯ । ଡକେଇତି କରିବା ଲାଗି ପ୍ରସ୍ତୁତି

୪୦୦ । ରୀତିମତ ଡକେଇତି କରିବାଲାଗି ମିଳିତ ହୋଇଥିବା ବ୍ୟକ୍ତିମାନଙ୍କର ଦଳର ଜଣେ ହେବା

୪୦୧ । ରୀତିମତ ଚୋରି କରିବା ଉଦ୍ଦେଶ୍ୟରେ ମିଳିତ ହୋଇଥିବା ବ୍ୟକ୍ତିମାନଙ୍କର ବାରବୁଲା ଦଳର ଜଣେ ହେବା

୪୦୨ । ଡକେଇତି କରିବା ଉଦ୍ଦେଶ୍ୟରେ ଏକତ୍ରିତ ହେବା

୪୧୨ । ଚୋରି ସମ୍ପତ୍ତି ଡକେଇତି ଦ୍ୱାରା ପ୍ରାପ୍ତ ହୋଇଛି ବୋଲି ଜାଣି ଜାଣି ତାକୁ ଦୁରଭିସନ୍ଧିବଶତଃ ନେବା

୪୧୩ । ରୀତିମତ ଚୋରି ସମ୍ପତ୍ତି କାରବାର କରିବା

୪୫୮ । ଆଘାତ, ଚଢାଉ ବା ସଦୋଷ ଅବରୋଧ ପାଇଁ ପ୍ରସ୍ତୁତି ପରେ ରାତିରେ ପ୍ରଚ୍ଛନ୍ନ ଗୃହାତିକ୍ରମ ବା ଗୃହଭେଦନ

୪୫୯ । ପ୍ରଚ୍ଛନ୍ନ ଗୃହାତିକ୍ରମ ବା ଗୃହଭେଦନ କଲାବେଳେ ଘୋର ଆଘାତ ଘଟାଇବା ।

୪୬୦ । ରାତିରେ ପ୍ରଚ୍ଛନ୍ନ ଗୃହାତିକ୍ରମ ବା ଗୃହଭେଦନ ସହ ମିଳିତଭାବେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଜଣକ ଦ୍ୱାରା ମୃତ୍ୟୁ ବା ଘୋର ଆଘାତ ସଂଘଟିତ ହେବା ସ୍ଥଳେ ସବୁ ବ୍ୟକ୍ତି ଦଣ୍ଡନୀୟ ।

## ଅନୁସୂଚୀ ୨

[ଧାରା ୨ (କ) ଦେଖ]

### ଭାରତୀୟ ଦଣ୍ଡସଂହିତାର ଧାରାବଳି

୨୩୧ । ମୁଦ୍ରା ଜାଲ୍ କରିବା

୨୩୨ । ଭାରତୀୟ ମୁଦ୍ରା ଜାଲ୍ କରିବା

୨୩୩ । ମୁଦ୍ରା ଜାଲ କରିବା ଉପକରଣ ତିଆରି କରିବା କିମ୍ବା ବିକିବା

୨୩୪ । ଭାରତୀୟ ମୁଦ୍ରା ଜାଲ୍ କରିବା ଉପକରଣ ତିଆରି କରିବା କିମ୍ବା ବିକିବା

୨୩୫ । ମୁଦ୍ରା ଜାଲ କରିବା ଲାଗି ଉପକରଣ ବା ଉପାଦାନ ବ୍ୟବହାର କରିବା ଉଦ୍ଦେଶ୍ୟରେ ତାହାର ଦଖଲ ।

୨୩୯ । ମୁଦ୍ରା ଜାଲ ବୋଲି ଜାଣି ଜାଣି ରଖିବା ପରେ ଦେବା

୨୪୦ । ଭାରତୀୟ ମୁଦ୍ରା ଜାଲ୍ ବୋଲି ଜାଣି ଜାଣି ରଖିବା ପରେ ଦେବା

୨୪୨ । ଯେଉଁ ବ୍ୟକ୍ତି କୌଣସି ମୁଦ୍ରା ତାଙ୍କ ଦଖଲ ହେବାବେଳେ ତାହା ଜାଲ୍ ବୋଲି ଜାଣିଥିବେ ସେ ତାହାକୁ ଦଖଲରେ ରଖିବା ।

୨୪୩ । ଯେଉଁ ବ୍ୟକ୍ତି କୌଣସି ଭାରତୀୟ ମୁଦ୍ରା ତାଙ୍କ ଦଖଲ ହେବାବେଳେ ତାହା ଜାଲ୍ ବୋଲି ଜାଣିଥିବେ ସେ ତାହାକୁ ଦଖଲରେ ରଖିବା ।

୩୨୬ । ବିପଜ୍ଜନକ ଆୟୁଧ ବା ସାଧନ ଦ୍ୱାରା ସ୍ୱେଚ୍ଛାପୂର୍ବକ ଘୋର ଆଘାତ ଘଟାଇବା

୩୨୭ । ସମ୍ପତ୍ତି ବଳାତ୍କାରରେ ହରଣ କରିବାଲାଗି ବା କୌଣସି ଅବୈଧ କାର୍ଯ୍ୟ କରିବାଲାଗି ବାଧ୍ୟ କରିବାଲାଗି ସ୍ୱେଚ୍ଛାପୂର୍ବକ ଆଘାତ ଘଟାଇବା ।

୩୨୮ । କୌଣସି ଅପରାଧ କରିବା ଅଭିପ୍ରାୟରେ ବିଷ ଆଦି ଦ୍ୱାରା ଆଘାତ ଘଟାଇବା

୩୨୯ । ସମ୍ପତ୍ତି ବଳାତ୍କାରରେ ହରଣ କରିବାଲାଗି ବା କୌଣସି ଅବୈଧ କର୍ଯ୍ୟ କରିବାଲାଗି ବାଧ୍ୟ କରିବାଲାଗି ସ୍ୱେଚ୍ଛାପୂର୍ବକ ଘୋର ଆଘାତ ଘଟାଇବା ।

୩୩୨ । କୌଣସି ଲୋକ ସେବକଙ୍କୁ କର୍ତ୍ତବ୍ୟରୁ ନିବୃତ୍ତ ରଖିବାଲାଗି ସ୍ୱେଚ୍ଛାପୂର୍ବକ ଆଘାତ ଘଟାଇବା

୩୩୩ । କୌଣସି ଲୋକ ସେବକଙ୍କୁ କର୍ତ୍ତବ୍ୟରୁ ନିବୃତ୍ତ ରଖିବାଲାଗି ସ୍ୱେଚ୍ଛାପୂର୍ବକ ଘୋର ଆଘାତ ଘଟାଇବା

୩୬୪ । ହତ୍ୟା କରିବାଲାଗି ଅପହୃତି ବା ହରଣ

୩୬୭ । ଘୋର ଆଘାତ ଘଟାଇବା, କ୍ରୀତଦାସ ରୂପେ ଖଟାଇବା ଆଦି ଲାଗି ଅପହୃତି ବା ହରଣ

୩୬୯ । ଦଶବର୍ଷରୁ କମ୍ ବୟସର ପିଲା ଦେହରୁ ଚୋରି କରିବା ଅଭିପ୍ରାୟରେ ସେପରି ପିଲାକୁ ଅପହୃତ ବା ହରଣ କରିବା ।

୩୭୦ । କୌଣସି ବ୍ୟକ୍ତିକୁ କ୍ରୀତଦାସ ରୂପେ କିଣିବା ବା ବିକିବା

୩୭୧ । ରୀତିମତ କ୍ରୀତଦାସ କାରବାର କରିବା

୩୭୯ । ଚୋରି

୩୮୦ । କୌଣସି କୋଠା, ତମ୍ବୁ ବା ଜଳଯାନରେ ଚୋରି

୩୮୧ । ପ୍ରଭୁ ବା ନିଯୋକ୍ତାର ଦଖଲରେ ଥିବା ସମ୍ପତ୍ତିର କିରାଣି ବା କର୍ମଚାରୀ କର୍ତ୍ତୃକ ଚୋରି

୩୮୪ । ବଳାତ୍କାରରେ ହରଣ

୩୮୫ । ବଳାତ୍କାରରେ ହରଣ କରିବାଲାଗି କୌଣସି ଲୋକକୁ କ୍ଷତିର ଭୟ ଦେଖାଇବା

୩୮୬ । କୌଣସି ଲୋକକୁ ମୃତ୍ୟୁ ବା ଘୋର ଆଘାତର ଭୟ ଦେଖାଇ ବଳାତ୍କାରରେ ହରଣ

୩୮୭ । ବଳାତ୍କାରରେ ହରଣ କରିବାଲାଗି କୌଣସି ଲୋକକୁ ମୃତ୍ୟୁ ବା ଘୋର ଆଘାତର ଭୟ ଦେଖାଇବା

୪୫୭ । କାରାବାସରେ ଦଣ୍ଡନୀୟ କୌଣସି ଅପରାଧ ଘଟାଇବାକୁ ରାତ୍ରିରେ ପ୍ରଚ୍ଛନ୍ନ ଗୃହାତିକ୍ରମ ବା ଗୃହଭେଦନ

୪୮୯—କ । ଚଳନ୍ତି ନୋଟ ବା ବ୍ୟାଙ୍କ ନୋଟକୁ ଜାଲ କରିବା

୪୮୯—ଖ । ନକଲି ବା ଜାଲ୍ ଚଳନ୍ତି ନୋଟ ବା ବ୍ୟାଙ୍କ ନୋଟକୁ ଅସଲିଭାବେ ବ୍ୟବହାର କରିବା

୪୮୯—ଗ । ନକଲି ବା ଜାଲ୍ ଚଳନ୍ତି ନୋଟ ବା ବ୍ୟାଙ୍କ ନୋଟର ଦଖଲ

୪୮୯—ଘ । ଚଳନ୍ତି ନୋଟ ବା ବ୍ୟାଙ୍କ ନୋଟ ନକଲ କରିବା ବା ଜାଲ୍ କରିବା ଲାଗି ଉପକରଣ ବା ଉପାଦାନ ତିଆରି କରିବା ବା ଦଖଲରେ ରଖିବା ।

OGP—MP-VI (Law) 34—1,000—28-2-1972

Printed by Shri U. N. Misra, Superintendent,
Orissa Government Press, Madhupatna, Cuttack-3